US Agriseeds®
Seed that Works

SEEDWORKS®

25 YEARS OF SERVING FARMERS

## US 362

» ଫସଲ ପାଚିବାର ସମୟ ୧୩୦-୧୩୫ ଦିନ
» ଲମ୍ବା ଏବଂ ଘନ କେଣ୍ଡା
» ଛିଡ଼ା ହୋଇ ରହିବାର ଅଦ୍ଭୁତ କ୍ଷମତା




## US 382

» ଫସଲ ପାଚିବାର ସମୟ ୧୨୫-୧୩୦ ଦିନ
» ଅଧିକ ସଂଖ୍ୟକ କେଣ୍ଡା
» ଛିଡ଼ା ହୋଇ ରହିବାର ଅଦ୍ଭୁତ କ୍ଷମତା




## US 312

» ଫସଲ ପାଚିବାର ସମୟ ୧୨୦-୧୨୫ ଦିନ
» ମରୁଡ଼ି ସହନଶୀଳ
» ଖାଇବାକୁ ସ୍ୱାଦିଷ୍ଟ
» ଖାଇବା ପାଇଁ ସ୍ୱାଦିଷ୍ଟ




## US 312 Gold

» ଫସଲ ପାଚିବାର ସମୟ ୧୨୦-୧୨୫ ଦିନ
» ସୁସ୍ଥ ନର୍ସରୀ ଏବଂ ସଶକ୍ତ ଗଛ
» ଖାଇବା ପାଇଁ ସ୍ୱାଦିଷ୍ଟ




## US 324

» ଫସଲ ପାଚିବାର ସମୟ ୧୨୫-୧୨୮ ଦିନ
» ଠିଆ ହୋଇ ରହିବାର ଅଦ୍ଭୁତ କ୍ଷମତା
» ଜୀବାଣୁ ପତ୍ର ବ୍ଲାଇଟ୍ ରୋଗ ପ୍ରତି ସହନଶୀଳ




## US 321

» ଫସଲ ପାଚିବାର ସମୟ ୧୧୫ - ୧୨୦ ଦିନ
» ଠିଆ ହୋଇ ରହିବାର ଅଦ୍ଭୁତ କ୍ଷମତା
» ବେକ ଭାଙ୍ଗିବା ରୋଗ ପ୍ରତି ସହନଶୀଳ




## US 318

» ଫସଲ ପାଚିବାର ଅବଧି ୧୧୫ ରୁ ୧୧୭ ଦିନ
» ମୋଟା ଏବଂ ଓଜନଦାର ଦାନା
» ଠିଆ ହୋଇ ରହିବାର ଅଦ୍ଭୁତ କ୍ଷମତା
» ବେକ ଭାଙ୍ଗିବା ରୋଗ ପ୍ରତି ସହନଶୀଳ




## US 305

» ଫସଲ ପାଚିବାର ସମୟ ୧୩୦-୧୩୫ ଦିନ
» ଛିଡ଼ା ହୋଇ ରହିବାର ଅଦ୍ଭୁତ କ୍ଷମତା
» ଅଧିକ ସଂଖ୍ୟକ କେଣ୍ଡା



# ହାଇବ୍ରିଡ୍ ଧାନ ଚାଷ ର ପଦ୍ଧତି

## ନର୍ସରୀ ପ୍ରବନ୍ଧନ

ସମତଳ ଖେତରେ ୨.୫ ମିଟର ଚୌଡ଼ା ଏବଂ ଲମ୍ବାଇ ୧୦ ମିଟର ଅଥବା ଆବଶ୍ୟକତାନୁସାରେ ତଥା ଉଚ୍ଚତା ୫-୧୦ ସେ.ମି. ଆକାରର କ୍ୟାରୀ ତିଆରି କରିବା ଉଚିତ ଯେଉଁଥିରେ ଯଥା ଜଳ ନିକାସି ହୋଇପାରିବ। ୨୫୦ ବର୍ଗ ମିଟର ଅଞ୍ଚଳ ପାଇଁ ୩ କ୍ୱିଣ୍ଟାଲ ଗୋବର ର ଖତ ବିହନ ବୋଇବା ର ୨ ସପ୍ତାହ ପୂର୍ବରୁ ବ୍ୟବହାର କରନ୍ତୁ ଏବଂ ୫ କିଲୋ ଇଉରିଆ, ୩.୭୫ କିଲୋ DAP ଏବଂ ୧.୨୫ କିଲୋ MOP କୁ ବେସାଲ ଡୋଜ୍ ଭାବରେ ବ୍ୟବହାର କରନ୍ତୁ ଏବଂ ୧୫ ଦିନ ପରେ ପ୍ରତି ବର୍ଗ ମିଟର ଅଞ୍ଚଳରେ ୩.୭୫ କିଲୋ ୟୁରିଆ ବ୍ୟବହାର କରନ୍ତୁ। 6 କିଲୋ ବିହନ କୁ ୧୨ ରୁ ୧୪ ଘଣ୍ଟା ପାଇଁ ଭିଜାନ୍ତୁ ଏବଂ ବୁଣିବା ପୂର୍ବରୁ ତାହାକୁ କାର୍ବେନଡାଜିମ (୫୦% WP) ୨ ଗ୍ରାମ ପ୍ରତି କିଲୋ ବିହନ ର ଦରରେ ଚିକିତ୍ସା କରନ୍ତୁ। ଉତ୍ତମ ଅଙ୍କୁରଣ ସୁନିଶ୍ଚିତ କରିବା ପାଇଁ ବିହନ କୁ ଛାୟାରେ ବୋରି ରେ ଢାଙ୍କି ୧୮-୨୪ ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ।

- ଅଙ୍କୁରିତ ବୀଜକୁ ୨୦-୨୫ ଗ୍ରାମ ପ୍ରତି ବର୍ଗ ମିଟରର ଦରରେ ସମାନ ଭାବରେ ବୁଣନ୍ତୁ। ସ୍ୱସ୍ଥ ନର୍ସରୀ ପାଇଁ ଆବଶ୍ୟକତାନୁସାରେ ପୌଧ ସୁରକ୍ଷା ଏବଂ ଖରପତ୍ର ନିୟନ୍ତ୍ରଣର ବ୍ୟବସ୍ଥା କରନ୍ତୁ।

## ମୁଖ୍ୟ ଖେତ ର ତିଆରି

- ମୁଖ୍ୟ ଖେତକୁ ୨ ରୁ ୩ ବାର ଜୋତିବା ପରେ ଭଲ ଭାବରେ ତିଆରି କରନ୍ତୁ, ତାହା ପରେ ଜଳ ପ୍ରବନ୍ଧନ କରନ୍ତୁ ଏବଂ ରୋଇବାର ୨ ସପ୍ତାହ ପୂର୍ବରୁ ସୁପାରିଶ କରାଯାଇଥିବା ପରିମାଣରେ ଗୋବର ର ଖତ ବ୍ୟବହାର କରନ୍ତୁ। ପ୍ରତ୍ୟାରୋପଣ ରୁ ଏକ ଦିନ ପୂର୍ବରୁ ୫୦% ନାଇଟ୍ରୋଜେନ ଏବଂ ପୋଟାଶ ତଥା ଫସ୍‌ଫୋରସର ପୂରା ପରିମାଣ ବ୍ୟବହାର କରନ୍ତୁ, ଏବଂ ଖେତକୁ ଭଲ ଭାବରେ ସମତଳ କରନ୍ତୁ।
- ୨୧ ରୁ ୨୫ ଦିନର ନୂଆ ଗଛ କୁ ୨ ରୁ ୩ ସେ.ମି. ଗଭୀରତାରେ ୨ ରୁ ୩ ନୂଆ ଗଛ ପ୍ରତି ସ୍ଥାନରେ ରୋପଣ କରନ୍ତୁ ଏବଂ ପଙ୍କ୍ତିରୁ ପଙ୍କ୍ତି ୨୦ ସେ.ମି. ଏବଂ ଗଛ ରୁ ଗଛ ୧୫ ସେ.ମି. ର ଦୂରତା ରଖନ୍ତୁ।

## ପୋଷକ ତତ୍ତ୍ୱ ପ୍ରବନ୍ଧନ

- ଉର୍ବରକର ବ୍ୟବହାର ମାଟି ପରୀକ୍ଷା ରିପୋର୍ଟ ଏବଂ ସ୍ଥାନୀୟ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ ର ସିଫାରିଶ ର ଆଧାରରେ କରାଯିବା ଉଚିତ। ଉର୍ବରକ ର ସାଧାରଣ ସୁପାରିଶକୃତ ପରିମାଣ ନିମ୍ନ ଦିଆଯାଇଥିବା ତାଲିକା ଅନୁସାରେ ଅଛି।

| ଉର୍ବରକ | ଅନୁସଂସିତ ମାତ୍ରା |
|---|---|
| ଗୋବର ଖତ | ୩ ରୁ ୪ ଟନ/ଏକର |
| ୟୁରିଆ | ୯୦ କିଗ୍ରା/ଏକର |
| ଡି ଏ ପି | ୫୦ କିଗ୍ରା/ଏକର |
| ଏମ ଓ ପି | ୪୦ କିଗ୍ରା/ଏକର |

- ୟୁରିଆ ର ସମୁଦାୟ ପରିମାଣକୁ ତିନି ଥର ରେ ବ୍ୟବହାର କରାଯିବା ଉଚିତ- ୫୦% ବେସାଲ ଡୋଜ୍ ଭାବରେ, ୨୫% ଟିଲରିଂ ଅବସ୍ଥାରେ ଏବଂ ଶେଷ ୨୫% ବୁଟିଂ ଚରଣରେ। ପୋଟାସିୟମ ୫୦% ବେସାଲ ଭାବରେ ଏବଂ ଶେଷ ୫୦% ପ୍ରି-ବୁଟିଂ ଅବସ୍ଥାରେ। ଉତ୍ତମ ଉପଜ ପାଇଁ ଜିଙ୍କ ଏବଂ ଆୟରନର ବ୍ୟବହାର କରାଯିବା ଉଚିତ।

## ଜଳ ପ୍ରବନ୍ଧନ

- ତଳି ଅବସ୍ଥା, ପିଲ ଧରିବାର ସମୟ, ପୁଷ୍ପାବସ୍ଥା ଆରମ୍ଭ ଏବଂ କେଣ୍ଡା ବାହାରିବାର ଅବସ୍ଥା ଧାନର ଫସଲ ରେ ଜଳ ର କ୍ରାନ୍ତିକ ଅବସ୍ଥା ଅଟେ। ମୁଖ୍ୟ ଖେତରେ ପ୍ରାରମ୍ଭିକ ୩୦ ଦିନ ପାଇଁ ୨ ରୁ ୩ ସେ.ମି. ଜଳ ସ୍ତର ବନାଇ ରଖନ୍ତୁ। ଅଧିକତମ ଟିଲରିଂ ଅବସ୍ଥା ପର୍ଯ୍ୟନ୍ତ ଜଳ ସ୍ତରକୁ ୪ ରୁ ୫ ସେ.ମି. ପର୍ଯ୍ୟନ୍ତ ବଢାନ୍ତୁ। ତାହା ପରେ ଧାନ ପାଚିବା ପର୍ଯ୍ୟନ୍ତ ଜଳ ସ୍ତରକୁ ୪ ରୁ ୫ ସେ.ମି. ବନେଇ ରଖନ୍ତୁ।

## ଖରପତ୍ର /ଅଦରକାରୀ ଗଛ/ ଘାସ ପ୍ରବନ୍ଧନ

- ଖରପତ୍ର ପ୍ରବନ୍ଧନ ପାଇଁ ନିମ୍ନଲିଖିତ ଖରପତ୍ର ନାଶକ ଔଷଧର ବ୍ୟବହାର କରନ୍ତୁ:
- ପ୍ରେଟିଲାକ୍ଲୋର ୫୦ EC ୫୦୦ ମିଲି/ଏକର ରୋପାଇର ୨୪ ଘଣ୍ଟା ମଧରେ ବିସ୍ପାଇରିବାକ୍ ସୋଡିୟମ @ ୧୨୦ ମିଲି/ଏକର ଖରପତ୍ରର ୨-୪ ପତ୍ର ଅବସ୍ଥାରେ। ଖରାପ ଜଳ ପ୍ରବନ୍ଧନ ଏବଂ ମିଶ୍ରିତ ଖରପତ୍ରର ଉଚ୍ଚ ଚାପର ସ୍ଥିତିରେ ପାୟରାଜୋସୁଲଫ୍ୟୁରନ ବିସ୍ପାଇରିବାକ୍ ସୋଡିୟମ (୮୦ ଗ୍ରାମ ୧୦୦ ମି.ଲି./ଏକର) କୁ ୪-୬ ପତ୍ର ଅବସ୍ଥାରେ ବ୍ୟବହାର କରନ୍ତୁ।

## ରୋଗ ଏବଂ କୀଟ ପ୍ରବନ୍ଧନ

| କୀଟ | ପ୍ରବନ୍ଧନ |
|---|---|
| ତନା ଛେଦକ | ଫିପ୍ରୋନିଲ ୮୦% WG @ ୨୦-୨୫ ଗ୍ରାମ/ଏକର କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୪୮୦ SC ୨୦ ମିଲି/ଏକର ର ସିଞ୍ଚନ କରନ୍ତୁ |
| ବି.ପି.ଏଚ | ବୁପ୍ରୋଫେଜିନ ୨୫% W/W SC @ ୩୨୦ ମିଲି/ଏକର କିମ୍ବା ପାୟମେଟ୍ରୋଜିନ @ ୧୨୦ ଗ୍ରାମ/ଏକରର ସିଞ୍ଚନ କରନ୍ତୁ |
| **ରୋଗ** | **ପ୍ରବନ୍ଧନ** |
| ବି ଏଲ ବି | ଷ୍ଟ୍ରେପ୍ଟୋମାଇସିନ ୮ ଗ୍ରାମ କପର ଅକ୍ସିକ୍ଲୋରାଇଡ୍ ୪୦୦ ଗ୍ରାମ/ଏକରର ଛିଡ଼କାଉ କରନ୍ତୁ ଏବଂ ୧୦ ଦିନ ପରେ ପୁନରାବୃତ୍ତି କରନ୍ତୁ। ନାଇଟ୍ରୋଜେନର ଅଧିକତା ରୁ ବଞ୍ଚନ୍ତୁ । |
| ଝୁଲସା କିମ୍ବା ଝୋଙ୍କା | ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% w / w WG (୭୫ WG) ୮୦gm / ଏକର |
| ଶୀଥ୍ ବ୍ଲାଇଟ୍ | ଏଜୋକ୍ସିଷ୍ଟ୍ରୋବିନ ଟେବୁକୋନାଜୋଲ @୩୩୦ ମିଲି/ଏକର କିମ୍ବା ପେନସିକ୍ୟୁରନ ୨୫୦ SC @ ୨୪୦ ରୁ ୩୦୦ ମିଲି/ଏକରର ସିଞ୍ଚନ କରନ୍ତୁ |
| କଣ୍ଡୁଆ | ବୁଟିଂ ଏବଂ ପ୍ରି-ଫ୍ଲାୱରିଂ ଚରଣରେ ପ୍ରୋପିକୋନାଜୋଲ @ ୨୦୦ ରୁ ୨୫୦ମିଲି/ଏକରର ସିଞ୍ଚନ କରନ୍ତୁ। ନାଇଟ୍ରୋଜେନ ଉର୍ବରକର ଅଧିକ ପରିମାଣର ବ୍ୟବହାରରୁ ବଚନ୍ତୁ। |

**କଟାଇ:** ଯେତେବେଳେ ୮୦ ରୁ ୮୫% ଦାନା ସୁନା ରକମ ହଳଦିଆ ରଙ୍ଗର ହୋଇଯାଏ ଏବଂ କାଣ୍ଡ ସବୁଜ ରହେ, ଫସଲର କାଟିବା ଉଚିତ।